୧୦୬ ବର୍ଷର ପ୍ରକାଶନ
ଦୈନିକ ସଂସ୍କରଣ : ଆର୍.ଏନ୍.ଆଇ ନଂ. ୪୦୦୫/୫୭
ପି.ଆର୍. ନଂ. ସିକେ(ସି)/୧୭/୨୦୨୪-୨୦୨୬
106 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2024-2026
ଅନୁଗୋଳ, ଶୁକ୍ରବାର ୧୭ ଏପ୍ରିଲ ୨୦୨୬
Angul, Friday 17 April 2026
ଆଜି ମେଷ ୪ ଦିନ, ୧୪୩୩ ସାଲ
ଚୈତ୍ର ୨୭ ଦିନ, ୧୯୪୮ ଶକାବ୍ଦ, ଅମାବାସ୍ୟା
ଭାଗ-୯୭ ସଂଖ୍ୟା-୧୦୪
www.thesamaja.com
www.samajaepaper.com
www.samajalive.in
ଟ ୭.୦୦ (୧୬ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPOR

# ପିସିଆଇଟି ଯାନ୍ତ୍ରିକ ବିଦ୍ୟାଳୟରୁ ୭୪ ଛାତ୍ରଛାତ୍ରୀ କ୍ୟାମ୍ପସରେ ମନୋନୀତ

ଛେଣ୍ଟିପଦା, ୧୬ ।୪(ନି.ପ୍ର): ଛେଣ୍ଟିପଦା ସଦର ମହକୁମାରେ ଥିବା ଯାନ୍ତ୍ରିକ ବିଦ୍ୟାଳୟ ପୂର୍ଣ୍ଣଚନ୍ଦ୍ର ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିଅରିଂ ଏଣ୍ଡ ଟେକନୋଲୋଜି(ପିସିଆଇଟି) ପରିସରରେ ଛାତ୍ରଛାତ୍ରୀଙ୍କ କ୍ୟାମ୍ପସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କ୍ୟାମ୍ପସ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବିଭିନ୍ନ ବିଭାଗ ଇଲେକ୍ଟ୍ରିକାଲ, ମେକାନିକାଲ ଓ ସିଭିଲ ବିଭାଗରୁ ୭୪ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ବିଦ୍ୟାଳୟର ଅଧକ୍ଷ ଇଂ, ହେମନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ନିର୍ଦ୍ଦେଶକ ଡ. ବସନ୍ତକୁମାର ସାହୁ ଏହି କ୍ୟାମ୍ପସ ପରିଚାଳନା କରିଥିଲେ । ଏହି କ୍ୟାମ୍ପସ ହରିଆନାସ୍ଥିତ ଗୁରଗାଓଁର ସୁବ୍ରସ ଲିମିଟେଡ ପକ୍ଷରୁ କରାଯାଇଥିଲା । ଏହି କମ୍ପାନୀ ପକ୍ଷରୁ ହରିୟାନା ଗୁରୁଗାଓଁ ସ୍ଥିତ ମାନେଶର ଓ ଗୁଜୁରାଟର ଅହମଦାବାଦସ୍ଥିତ କରସନପୁରାରେ ଥିବା ଆଇଏମଟିରେ ନିଯୁକ୍ତି ହେବେ । ଏହି କାର୍ଯ୍ୟକ୍ରମ ପରିଚାଳନାର ନିଯୁକ୍ତି କାର୍ଯ୍ୟକ୍ରମର ମୁଖ୍ୟ ଅଶ୍ୱିନୀ କୁମାର ପ୍ରଧାନ, ସିଭିଲ ବିଭାଗର ବରିଷ୍ଠ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ପରିଡ଼ା, ମେକାନିକାଲର ମୁଖ୍ୟ ତରଣୀସେନ ମହାନ୍ତୀ ଓ ଇଲେକ୍ଟ୍ରିକାଲ ବିଭାଗର ମୁଖ୍ୟ ରଶ୍ମିତା ଗଡ଼ନାୟକ ପ୍ରମୁଖ କ୍ୟାମ୍ପସ ପରିଚାଳନାରେ ସହଯୋଗ କରିଥିଲେ । ଏକ ସମୟରେ ୭୪ଜଣ ଛାତ୍ରଛାତ୍ରୀ କ୍ୟାମ୍ପସରେ ମନୋନୀତ ହୋଇଥିବାରୁ ଏହା ବିଦ୍ୟାଳୟ ପାଇଁ ଗୌରବ ଆଣିଦେଇଥିବାବେଳେ ଆଗାମୀ ଦିନରେ ଏହିଭଳି ବହୁ କମ୍ପାନୀ ପକ୍ଷରୁ ଏହି କ୍ୟାମ୍ପସ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଥିବା ଯାନ୍ତ୍ରିକ ବିଦ୍ୟାଳୟର ଅଧକ୍ଷ ପ୍ରକାଶ କରିଛନ୍ତି ।